## ଦିବାକର ଶତପଥି

## ବନାମ

## ଓଡ଼ିଶା ଉଚ୍ଚ ନ୍ୟାୟାଳୟର ମାନ୍ୟବର ମୁଖ୍ୟ ବିଚାରପତି ଏବଂ ବିଚାରପତିମାନେ

## (କେ. ସୁବା ରାଓ, ରଘୁବର ଦୟାଲ ଏବଂ ଜେ. ଆର. ମୁଧୋଲକର, ନ୍ୟାୟାମୂର୍ତ୍ତିମାନେ)

*ଅଦାଲତ ଅବମାନନା- ଉଚ୍ଚ ନ୍ୟାୟାଳୟର ନିର୍ଣ୍ଣୟକୁ ଅଣଦେଖା କରିବାକୁ ନେଇ ମାଜିଷ୍ଟ୍ରେଟମାନଙ୍କୁ  ନିର୍ଦ୍ଦେଶନାମ  - ଯଦି ଏହା ଅବମାନନା ହୋଇଥାଏ ।*

ଆବେଦନକାରୀ, ରାଜସ୍ୱ ପର୍ଷଦର ଜଣେ ଅନୁ ସଚିବ,  ଜିଲ୍ଲା ମାଜିଷ୍ଟ୍ରେଟମାନଙ୍କୁ, ବିଧି ଚେତକ ଏବଂ ମହାଧିବକ୍ତାଙ୍କ ମତାମତକୁ ଏକ ଅନୁମୋଦନ ସହିତ ପ୍ରସାରିତ କରିଥିଲେ ଯେ ଉଚ୍ଚନ୍ୟାୟାଳୟଙ୍କ ଦ୍ୱାରା ସୂଚିତ ହୋଇଥିବା ବିପରୀତ ପ୍ରକ୍ରିୟା ଅନୁସରଣ କରାଯିବା ଉଚିତ "ଯେପର୍ଯ୍ୟନ୍ତ ମାମଲାଟି କୌଣସି ମାମଲାରେ ଉଚ୍ଚନ୍ୟାୟଳୟକୁ ନଆସିଛି , ଯାହା ଦ୍ୱାରା ଓଡ଼ିଶା ଉଚ୍ଚନ୍ୟାୟାଳୟଙ୍କ ନିର୍ଣ୍ଣୟ, ଯାହା ଏ. ଆଇ. ଆର. 1951 ଓଡ଼ିଶା 40 ରେ ପ୍ରକାଶ ପାଇଛି, ଦ୍ୱାରା ସୃଷ୍ଟି ହୋଇଥିବା ଦ୍ୱନ୍ଦ୍ୱକୁ ସ୍ଥାୟୀ ସମାଧାନ ରଖାଯାଇପାରିବ ।

*କୁହାଯାଇଥିଲା* ଯେ ଆବେଦନକାରୀ ଅଦାଲତ ଅବମାନନା ମାମଲାରେ ସ୍ପଷ୍ଟ ଭାବେ ଦୋଷୀ ଥିଲେ । ଉଚ୍ଚ ନ୍ୟାୟାଳୟଙ୍କ  ନିର୍ଣ୍ଣୟକୁ ଅଣଦେଖା କରିବାକୁ ସେ ମାଜିଷ୍ଟ୍ରେଟମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ, ଯଦିଓ ଏହା ସେମାନଙ୍କ ପାଇଁ ବାଧ୍ୟତାମୂଳକ ଥିଲା । ଏହା ନ୍ୟାୟାଳୟ ଦ୍ୱାରା ପ୍ରଦାନ କରାଯାଇଥିବା ନ୍ୟାୟ ବ୍ୟବସ୍ଥାରେ ଏକ ଖୋଲାଖୋଲି ହସ୍ତକ୍ଷେପ ଥିଲା ।

### ଫୌଜଦାରି  ଆବେଦନ କ୍ଷେତ୍ରାଧିକାର:  ଫୌଜଦାରୀ ଆବେଦନ ସଂଖ୍ୟା 2/1960

ମୂଳ ଫୌଜଦାରି ବିବିଧ ମାମଲା ସଂଖ୍ୟା 8/1957 ରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର 19 ଫେବୃଆରୀ, 1958 ତାରିଖର ରାୟ ଏବଂ ଆଦେଶ ବିରୋଧରେ ସ୍ୱତନ୍ତ୍ର ଅନୁମତି ଦ୍ୱାରା ଏହି ଆବେଦନ ।

ଏ. ଭି. ବିଶ୍ୱନାଥ ଶାସ୍ତ୍ରୀ, ଏଚ. ଆର. ଖାନ୍ନା ଏବଂ ଟି. ଏମ. ସେନ, ଆବେଦନକାରୀଙ୍କ ପାଇଁ

ଏଚ୍. ଏନ୍. ସାନ୍ୟାଲ୍, ଭାରତର ଅତିରିକ୍ତ ସଲିସିଟର୍ ଜେନେରାଲ୍, ବି. ଏମ୍. ପଟ୍ଟନାୟେକ, ଏସ୍. ଏନ୍. ଆଣ୍ଡଲେ, ଜେ. ବି. ଦାଦାଚାଞ୍ଜି ଏବଂ ରାମେଶ୍ୱର ନାଥ,  ପ୍ରତିବାଦୀ ସଂଖ୍ୟା 1 ପାଇଁ ।

**1961 ମାର୍ଚ୍ଚ 14 ।** ଅଦାଲତର ରାୟ **ନ୍ୟାୟମୂର୍ତ୍ତି ମୁଦୋଲକରଙ୍କ** ଦ୍ୱାରା ପ୍ରଦାନ କରାଯାଇଥିଲା, - ଆବେଦନକାରୀ, ଯିଏ ସମ୍ପୃକ୍ତ ସମୟରେ, ଓଡ଼ିଶା ରାଜସ୍ୱ ପର୍ଷଦର ଜଣେ ଅନୁ ସଚିବ ଥିଲେ, ଯାହାଙ୍କୁ ନ୍ୟାୟାଳୟର ଅବମାନନା ପାଇଁ ଚେତାବନୀ ଦିଆଯାଇଛି ଏବଂ ତାଙ୍କୁ ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କୁ କାର୍ଯ୍ୟାନୁଷ୍ଠାନର ଖର୍ଚ୍ଚ ପଇଠ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଆବେଦନକାରୀଙ୍କ ବିରୋଧରେ ଅବମାନନା କାର୍ଯ୍ୟାନୁଷ୍ଠାନ, ଜାନୁଆରୀ 19,1955 ମସିହାରେ ବିଧି ସଚେତକ ଏବଂ ମହାଅଧିବକ୍ତାଙ୍କ ଦ୍ୱାରା ଓଡ଼ିଶାର ଦକ୍ଷିଣାଞ୍ଚଳ ଜିଲ୍ଲା ମାଜିଷ୍ଟ୍ରେଟ ମାନଙ୍କୁ ଦିଆଯାଇଥିବା ନିର୍ଦ୍ଦେଶନାମା ପାଇଁ ଆରମ୍ଭ କରାଯାଇଥିଲା, ଯେଉଁଥିରେ ନିମ୍ନଲିଖିତ ଅନୁମୋଦନ କରାଯାଇଛି:

> "ବିଧି ସଚେତକ ଏବଂ ମହା ଅଧିବକ୍ତାଙ୍କ ମତର ନକଲକୁ ସଂଲଗ୍ନ କରିବାପାଇଁ ମୋତେ ନିର୍ଦ୍ଦେଶ ଦିଆଯାଇଛି ଏବଂ କହିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ଯେ ବିଧି ବିଭାଗର ମତରେ ପଶୁ ଅଣପ୍ରବେଶ ଅଧିନିୟମ ଧାରା 20 ଅନୁଯାୟୀ ମାଜିଷ୍ଟ୍ରେଟ ମାନଙ୍କୁ ସଜ୍ଞାନ ନେବାକୁ କୌଣସି ପ୍ରାଧିକରଣର ଆବଶ୍ୟକତା ନାହିଁ । କେତକ ମାମଲାରେ ଏହି ମାମଲା ଉଚ୍ଚ ନ୍ୟାୟାଳୟକୁ ନିଆଯିବା ପର୍ଯ୍ୟନ୍ତ ଏହା ଅନୁସରଣ କରାଯାଇପାରିବ, ଯାହାଦ୍ୱାରା ଅଖିଳ ଭାରତୀୟ ରିପୋର୍ଟର 1951 ଓଡ଼ିଶା, ପୃଷ୍ଠା 40 ରେ ପ୍ରକାଶ ପାଇଥିବା ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ନିର୍ଣ୍ଣୟ ଦ୍ୱାରା ସୃଷ୍ଟି ହୋଇଥିବା ଦ୍ୱନ୍ଦ୍ୱକୁ ସ୍ଥାୟୀ ସମାଧାନ ରଖାଯାଇପାରିବ ।"

ଏହି ଅନୁମୋଦନ ଆବେଦନକାରୀଙ୍କ ଦସ୍ତଖତ ବହନ କରେ |

ଉପରୋକ୍ତ ଅନୁମୋଦନ ପ୍ରତି ଉଚ୍ଚ ନ୍ୟାୟାଳୟଙ୍କ ଦୃଷ୍ଟି ଆକର୍ଷଣ କରାଯିବା ପରେ, ଏହା କେବଳ ରାଜସ୍ୱ ପର୍ଷଦର ଅନୁସଚିବ ନୁହେଁ, ବରଂ ଓଡ଼ିଶାର ବିଧି ଚେତକଙ୍କୁ ମଧ୍ୟ ଅବମାନନା ପାଇଁ କାରଣ ଦର୍ଶାଇବା ନୋଟିସ୍ ଜାରି କରିଥିଲେ । ଉଭୟ କାରଣ ଦର୍ଶାଇଥିଲେ । ଉଚ୍ଚ ନ୍ୟାୟାଳୟ ବିଧି ଚେତକଙ୍କୁ ଦୋଷମୁକ୍ତ କରିଥିଲେ କିନ୍ତୁ ଆବେଦନକାରୀଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ ଏବଂ ତାଙ୍କୁ ଭର୍ତ୍ସନା କରିଥିଲେ , ଯେପରି ପୂର୍ବରୁ କୁହାଯାଇଛି । ଉଲ୍ଲେଖ କରାଯାଇପାରେ ଯେ ଉଭୟ ଉଚ୍ଚ ନ୍ୟାୟଳୟଙ୍କୁ କ୍ଷମା ମାଗିଥିଲେ । ତଥାପି, ଆମେ ଭାବୁଛୁ ଯେ ଆବେଦନକାରୀ ନ୍ୟାୟାଳୟ ର ଅବମାନନା ମାମଲାରେ ଯଥାର୍ଥରେ ଦୋଷୀ ସାବ୍ୟସ୍ତ ହୋଇଥିଲେ ଏବଂ ତାଙ୍କୁ ଚେତାବନୀ ଦେବା ସହିତ କାର୍ଯ୍ୟାନୁଷ୍ଠାନର ଖର୍ଚ୍ଚ ମଧ୍ୟ ଦେବାକୁ ପଡ଼ିଥିଲା ।ଯେଉଁ ବିଷୟ ଉପରେ ବିଧି ଚେତକଙ୍କ ମତ ଲୋଡ଼ା ଯାଇଥିଲା ତାହା ହେଉଛି ଜିଲ୍ଲା

ମାଜିଷ୍ଟ୍ରେଟଙ୍କ  ଦ୍ୱାରା ପ୍ରାଧିକୃତ ମାଜିଷ୍ଟ୍ରେଟ ଫୌଜଦାରୀ କାର୍ଯ୍ୟବିଧି ସଂହିତା ଧାରା 190  ଅନୁଯାୟୀ ଅପରାଧକୁ ସଜ୍ଞାନକୁ ନେଇପାରିବେ ବୋଲି ବିବେଚନା କରାଯାଇପାରେ ଯେପରି ପଶୁ ଅଣପ୍ରବେଶ ଅଧିନିୟମ ଧାରା 20 ଦ୍ୱାରା ଜିଲ୍ଲା ମାଜିଷ୍ଟ୍ରେଟଙ୍କ ଦ୍ୱାରା ମାଜିଷ୍ଟ୍ରେଟଙ୍କୁ ପ୍ରାଧିକୃତ କରିଥାନ୍ତି । ଆବେଦନକାରୀଙ୍କ ସମର୍ଥନରେ ସୂଚିତ ମାମଲାରେ, ଓଡ଼ିଶା ଉଚ୍ଚନ୍ୟାୟାଳୟ *ରଘୁ ସିଂ ବନାମ ଅବଦୁଲ ୱାହାବ* ମାମଲାର ନିର୍ଣ୍ଣୟକୁ ବିଚାରକୁ ନେଇ ନିମ୍ନଲିଖିତ  ମତଦେଇ କହିଛନ୍ତି ଯେ  ଯେ ପ୍ରାଧିକରଣର ଆବଶ୍ୟକତା ଅଛି । *ରଘୁ ସିଂହ ବନାମ ଅବଦୁଲ ୱାହାବ* ([1]) ମାମଲାରେ ହୋଇଥିବା ନିର୍ଣ୍ଣୟକୁ *ବୁଧନ ମହତୋ ବନାମ ଇସୁର ସିଂହ* ମାମଲାରେ ବିରୋଧ କରାଯାଇଥିଲା ଏବଂ ଏହି ତଥ୍ୟ ଓଡ଼ିଶା ହାଇକୋର୍ଟଙ୍କ ଦୃଷ୍ଟିକୁ ଅଣାଯାଇଥିବ ବୋଲି ଏହା ଜଣାପଡ଼େ ନାହିଁ । ଯେଉଁ ବିଧି ଚେତକଙ୍କୁ ଏହି ମାମଲା ପଠାଯାଇଥିଲା, ସେ ଏକ ଟିପ୍ପଣୀ ଦାଖଲ କରିଥିଲେ, ଯାହା ଉଚ୍ଚ ନ୍ୟାୟାଳୟଙ୍କ ଅନୁଯାୟୀ, "କିଛି ମତ ଅସ୍ପଷ୍ଟ ଥିଲା ଏବଂ ସମସ୍ତ ପ୍ରଶ୍ନକୁ ଫଳପ୍ରଦ ଏବଂ ଆନୁଷଙ୍ଗିକ ଭାବରେ ପରିଚାଳନା କରିନଥିଲେ "। ଏହା ସତ୍ତ୍ୱେ ଆବେଦନକାରୀ ତାଙ୍କ ସମର୍ଥନରେ ମାଜିଷ୍ଟ୍ରେଟମାନଙ୍କୁ ଉଚ୍ଚନ୍ୟାୟଳୟଙ୍କ ନିର୍ଣ୍ଣୟକୁ ଅଣଦେଖା କରିବାକୁ ନିର୍ଦ୍ଦେଶ ଦେଇଥିଲେ ଯଦିଓ ତାହା ସେମାନଙ୍କ ପାଇଁ ବାଧ୍ୟତାମୂଳକ ଥିଲା । ଆମର ଏଥିରେ କୌଣସି ସନ୍ଦେହ ନାହିଁ ଯେ ଏପରି ନିର୍ଦ୍ଦେଶ ନ୍ୟାୟାଳୟଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ନ୍ୟାୟ ବ୍ୟବସ୍ଥାର ଖୋଲାଖୋଲି ହସ୍ତକ୍ଷେପ ଅଟେ ଏବଂ ନ୍ୟାୟାଳୟର ସ୍ପଷ୍ଟ ଅବମାନନା ଅଟେ । ଏହି ଦୃଷ୍ଟିକୋଣରୁ ଆମେ ଏହି ଆବେଦନକୁ ଖାରଜ କରୁଛୁ ।

ଆବେଦନକୁ ଖାରଜ କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ | ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ |"

*TRANSLATED BY:*
Shri Jatadhari Sethi
Translator, High Court of Orissa, Cuttack.

([1])  (1896) I.L.R. 23 Cal. 442.